# ୨୦୩୬ ଅଲିମ୍ପିକ୍ ଆୟୋଜନ ପାଇଁ ଭାରତ ଦାବିଦାର ଅଛି: ଧର୍ମେନ୍ଦ୍ର ପ୍ରଧାନ



ଢେଙ୍କାନାଳ ଷ୍ଟାଡିୟମଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଖେଳାଳିମାନେ।

**ଢେଙ୍କାନାଳ,୨୪।୧୨ (ରତନ ନାୟାର)**

୨୦୩୬ ଅଲିମ୍ପିକ ଆୟୋଜନ ପାଇଁ ଭାରତ ଦାବିଦାର ଅଛି ଏବଂ ଏଥିପାଇଁ ବିଡ୍ କରାଯାଇଛି ବୋଲି ମଙ୍ଗଳବାର ଢେଙ୍କାନାଳ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ଏହି ପ୍ରୟାସ ଜାରି ରହିଛି । ଏଥିରେ ଢେଙ୍କାନାଳ ଷ୍ଟାଡିୟମର ମଧ ଭୂମିକା ରହୁ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ଷ୍ଟାଡିୟମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଉଦ୍ୟମ ଜାରି ରହିଛି । ଏହି ଖେଳ ପଡ଼ିଆର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର କାର୍ଯ୍ୟ ଆରମ୍ଭ କରିଥିବା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ମୋତେ କହୁଥିଲେ। ଏହି ଷ୍ଟାଡିୟମ ପୂର୍ଣ୍ଣାଙ୍ଗ କରିବା ପାଇଁ ରାଜ୍ୟ ସରକାର, ଅନ୍ୟ ସଂଗଠନ ଓ ଶିଳ୍ପସଂସ୍ଥା ସହ ଆଲୋଚନା କରି ଏହାକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେବା । ଢେଙ୍କାନାଳରେ ଭଲ ଜାଗାରେ ଷ୍ଟାଡିୟମ ହୋଇଛି । ଖେଳ, ପର୍ଯ୍ୟଟନ, ସାଂସ୍କୃତିକ କାର୍ଯ୍ୟ, ଚାଷ ଓ ଶିଳ୍ପକୁ ପ୍ରାଥମିକତା ସହ ବିକାଶର କାର୍ଯ୍ୟ ଜାରି ରହିଛି । ହକି, ଆଥଲେଟିକ୍ସ, କ୍ରିକେଟ, ଫୁଟବଲ, ଭଲି ଆଦିରେ ଢେଙ୍କାନାଳର ସୁନାମ ରହିଛି । ନୂଆ ରାସ୍ତା, ନୂଆ ରେଲଲାଇନ ଏ ଜିଲାର ସମ୍ଭାବନାକୁ ଆଗକୁ ନେବ । ଖେଳ ପ୍ରତି ଢେଙ୍କାନାଳ ଜିଲାର ବହୁତ ଆସକ୍ତି ଅଛି ଏବଂ ଢେଙ୍କାନାଳରେ ଖେଳୱାଡ ମନୋଭାବ ମଧ ରହିଛି । ସାହିତ୍ୟ, ନାଟକ, ସଙ୍ଗୀତ, ଚିତ୍ରାଙ୍କନ ଭଳି ଭରପୂର କଳାର ଅଞ୍ଚଳ ଢେଙ୍କାନଳ ଜିଲା । ଉନ୍ନତମାନର ଖେଳ ପାଇଁ ଭିତ୍ତିଭୂମି ସଜାଡ଼ିବା ଓ ବ୍ୟବସ୍ଥା କରିବା ପାଇଁ ଆମେ ଦାୟିତ୍ୱ ନେବୁ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ । ଏହି ଅବସରରେ ତାଙ୍କ ସହିତ ଏମ୍‌ପି ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ଉପଭୋକ୍ତା ଦିବସ ପାଳିତ



**ଢେଙ୍କାନାଳ,୨୪।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା ପ୍ରଶାସନ ଓ ଢେଙ୍କାନାଳ ବୈଧମାପ ବିଜ୍ଞାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅହିଂସା ମିଳିତ ଆନୁକୂଲ୍ୟରେ ବୋରାପଦାସ୍ଥିତ ସରକାରୀ ଆଇଟିଆଇ କଲେଜ୍‌ରେ ଜାତୀୟ ଉପଭୋକ୍ତା ଦିବସ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଗାୟତ୍ରୀ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇଟିଆଇ କଲେଜ ଅଧକ୍ଷ ଜଗଦିଶ ହାଇବ୍ରୁ, କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର, ବୈଧମାପ ବିଜ୍ଞାନ ଉପନିୟନ୍ତ୍ରକ ବିଶ୍ୱମୋହନ ଭୋଇ ଓ ବୈଧମାପ ବିଜ୍ଞାନ ସହ ନିୟନ୍ତ୍ରକ ବିଶ୍ୱଜିତ୍ ପଣ୍ଡା, ଲୟର ଫୋରମ୍‌ର ସଭାପତି ଆଇନ୍‌ଜୀବୀ ସୁବୋଧ କୁମାର ମହାନ୍ତି, ସାମାଜିକ କର୍ମୀ ଶ୍ରୀନିବାସ ସାହୁ, ଖାଉଟି ବିବାଦ ମିମାଂସା କମିଶନରର କାଉନ୍‌ସିଲର ବୀଣାପାଣି ମିଶ୍ର ଓ କଲେଜର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅହିଂସାର ସଂପାଦକ ମାନଗୋବିନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

**ଢେଙ୍କାନାଳ,୨୪।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସଡ଼କ ସୁରକ୍ଷା ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍‌ପି ଅଭିନବ ସୋନକର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ପରିକ୍ରମା କରି ପିକନିକ୍ ସମୟରେ ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟନମାନଙ୍କୁ ମଦ୍ୟପାନ କରି ବେପରୁଆ ଗାଡିଚାଳନା ଠାରୁ ନିବୃତ ରହି ଧନଜୀବନ ରକ୍ଷା ନିମନ୍ତେ ସଚେତନ କରାଇବ। ଏହି ସଚେତନତା ରଥ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବା ସହିତ ଲିଫଲେଟ ବଣ୍ଟନ କରାଯାଇ ସଚେତନ କରାଯିବ। ଏହି ଅବସରରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ଜିଲା ସଡ଼କ ସୁରକ୍ଷା କମିଟି ସଦସ୍ୟ ବିଂରଚି ନାରାୟଣ ପାଣି, ପ୍ରଦ୍ୟୁମ୍ନ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଏମ୍‌ଆରକୁ ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର




**ଢେଙ୍କାନାଳ,୨୪।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗଠାରେ ପ୍ରତିଷ୍ଠା ହୋଇଥିବା ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ (ଜିକେଇଏଲ୍)କୁ ଚଳିତ ବର୍ଷର ସମ୍ମାନଜନକ ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କ ଠାରୁ ଜିକେଇଏଲ୍ ପ୍ଲାଣ୍ଟହେଡ୍ ମନୋଜ ମିଶ୍ର, ଏଜିଏମ୍ ପୁଷ୍ପାହାସ ମହାନ୍ତି, ମୁଖ୍ୟ ଉପଦେଷ୍ଟା ପ୍ରଦୀପ ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣ ଓ ଉତ୍ତମ କାର୍ଯ୍ୟ ଦକ୍ଷତା କ୍ଷେତ୍ରରେ ସୁନ୍ଦର ପ୍ରଦର୍ଶନ କରିଆସୁଥିବାରୁ ଜିକେଇଏଲ୍‌କୁ ମୁଖ୍ୟ ପ୍ରଦର୍ଶନ ପୁରସ୍କାର ପ୍ରଦାନ କରାଯାଇଛି। ଜିଏମ୍‌ଆର ଏନର୍ଜି ଲିମିଟେଡ୍‌ର ସିଇଓ ଆଶିଷ ବାସୁ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଜାରି ରଖିବା ଦିଗରେ ଏହି ପୁରସ୍କାର ଉତ୍ସାହ ପ୍ରଦାନ କରିବ ବୋଲି କହିଥିଲେ। ଜିକେଇଏଲ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇ ସର୍ବଦା ପ୍ରଶଂସିତ ହୋଇଆସୁଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ସାତମାଇଲ, ୨୪।୧୨ (ସୁଶାନ୍ତ ପତି)**

ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକ ଉତ୍ସବ ମଙ୍ଗଳାର ଅନୁଷ୍ଠିତ ହୋଯାଇଅଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ସୁକୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଶରତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଇଞ୍ଜିନିୟର ସୁବ୍ରତ ଦାସ ଓ ହିନ୍ଦୋଳ ବ୍ଲକ ଉପାଧକ୍ଷ ବରୁଣ କୁମାର ସର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶଶି ଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୟାନିଧି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଛୋଟ ପିଲାମାନଙ୍କୁ ମୋବାଇଲ ଫୋନ ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ସମସ୍ତ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ହିନ୍ଦୋଳ ବିଧାୟିକା ପିଲାମାନଙ୍କୁ ଚାକିରି ପଛରେ ନ ଗୋଡ଼ାଇ ନିଜ ଗୋଡରେ ନିଜେ ଛିଡ଼ା ହେବା ସହ ପ୍ରତ୍ୟେକ ଜଣେ ଜଣେ ଭଲ ମଣିଷ ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ଭଲ ପାଠ ନ ପଢ଼ିଲେ ବି ଜଣେ ଭଲ ମଣିଷ ହେବା ପାଇଁ ସଂସ୍କାର ହିଁ ମୂଳମନ୍ତ୍ର ବୋଲି କହିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ଡାକ୍ତର ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ପଣ୍ଡିତ କର, ପୁରାତନ ଗୁରୁଜୀ ପ୍ରସନ୍ନ କୁମାର ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ଜେ. ଫାର୍ମ ପକ୍ଷରୁ କୃଷକ ସମ୍ମିଳନୀ



**ପରଜଙ୍ଗ,୨୪।୧୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମ ପଞ୍ଚାୟତଠାରେ ଜେ.ଫାର୍ମ ପକ୍ଷରୁ ଏକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ଜେ.ଫାର୍ମର କ୍ଷେତ୍ର ମହାପ୍ରବନ୍ଧକ ଆଦିତ୍ୟ ସ୍ୱରୂପ, ଟେରିଟୋରି ମହାପ୍ରବନ୍ଧକ ସରୋଜ ସାହୁ, କ୍ଷେତ୍ରୀୟ ଯନ୍ତ୍ରୀ ବିରେନ୍ଦ୍ର ମହାପାତ୍ର, ମୁକ୍ତାପଶି ପଞ୍ଚାୟତ କୃଷକ ପରିଚାଳନା ସଭାପତି ଟିଙ୍କିନା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ବୃକ୍ଷ ରୋପଣ ପରେ କୃଷକମାନଙ୍କ ସହ କୃଷକ ଦିବସ ଉପଲକ୍ଷେ କେକ୍ କଟାଯାଇ ଉତ୍ସବ ବନାଇଥିଲେ। କୃଷକମାନଙ୍କୁ ଏକ ପ୍ରଶିକ୍ଷଣରେ କିପରି ଭାବେ ଉନ୍ନତ ଯାନ୍ତ୍ରିକ କୌଶଳରେ କମ ସମୟରେ ଅଧିକ ଫସଲ ଉପାଦାନ କରିପାରିବେ ଓ ଯାନ୍ତ୍ରିକ ଯାନକୁ କିପରି ସଠିକ ଭାବେ ଉପଯୋଗ କରିପାରିବେ ତାହା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

# ଜିଲାସ୍ତରୀୟ ଆସ୍‌ପାୟାର ଏ–୧ କର୍ମଶାଳା ଉଦ୍‌ଯାପିତ




**ଢେଙ୍କାନାଳ,୨୩।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୫ଦିନ ଧରି ଆଗାମୀ ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ନିମନ୍ତେ ଏକ ୫ଦିନିଆ ଆବାସିକ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳା ପାଇଁ ଚୟନ ହୋଇଥିବା ଶିକ୍ଷକମାନଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଜଣାଇବା ନିମନ୍ତେ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗତ ୫ ତାରିଖକୁ ୧୩ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଥମ ଦିନରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଇଂଲିଶ ଶିକ୍ଷକମାନଙ୍କୁ ଉଦବୋଧନ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହାନ୍ତ, ଜିଲା କ୍ରୀଡ଼ା ନିରୀକ୍ଷକ ପ୍ରକାଶଚନ୍ଦ୍ର ବେହେରା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୧୭ ତାରିଖରେ କ୍ୟାମ୍ପର ପ୍ରଥମ ଦିବସରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏଫ୍ଏ ଏବଂ ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର କାଇମାଟି ସରକାରୀ ଉଚ୍ଚ ବିଦ୍ୟାଳୟ କ୍ୟାମ୍ପ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ୮ଟି ବ୍ଲକରେ ଆବାସିକ ଭିତ୍ତିରେ ଅନୁଷ୍ଠିତ ଏହି କର୍ମଶାଳାରେ ୪୭୬ଜଣ ଏ–୧ ଆଶାୟୀ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତ୍ୟେକ ବ୍ଲକ ପାଇଁ ରିମେଡିଆଲ କୋଚିଂକ୍ଲାସ ଆୟୋଜନ କରାଯାଇଥିଲା। ଏହାର ନାମ ଥିଲା 'ଆସପାୟାର ଏ'। ଭୁବନ ବ୍ଲକ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ଡମଶାଳ, ଢେଙ୍କାନାଳ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ କାଇମାଟି, ଗଁଦିଆ ପାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କପିଳାସ, ହିନ୍ଦୋଳ ବାଳିକାମାନଙ୍କ ପାଇଁ ଉତ୍କଳ ଭାରତୀ ବିଦ୍ୟାପୀଠ ଖଲିବୋରେଇ ଓ ବାଳକମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଖରଚୁଲି–ଗଣ୍ଡାନାଳୀ, କାମାକ୍ଷାନଗର ପାଇଁ ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟ କାନପୁରା, କଙ୍କଡାହାଡ ପାଇଁ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡପଳାଶୁଣୀ ଓ ଓଡାପଡା ପାଇଁ ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ପରଜଙ୍ଗ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ କଙ୍କଡାସୋଡା ଆଦି କୋଚିଂ ସ୍ଥାନ ରହିଥିଲା।

# ଜନଶୁଣାଣି ପୋର୍ଟାଲରେ ୭୭୫ ଅଭିଯୋଗ ସମାଧାନ




**ଢେଙ୍କାନାଳ,୨୪।୧୨(ରତନ ନାୟାର)**

ଡିସେମ୍ବର ମାସରେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ପୋର୍ଟାଲରେ ମୋଟ ୭୭୫ ଅଭିଯୋଗର ସମାଧାନ ହୋଇଥିବା ସୂଚନା ଦିଆଯାଇଛି । ସେହିପରି ମିଳିତ ଜନ ଅଭିଯୋଗ ଶୁଣାଣିରେ ୨୫୯ଟି ଅଭିଯୋଗର ସମାଧାନ କରାଯାଇଛି। ସେହିପରି ସୋମବାର ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ସୁଶାସନ ସପ୍ତାହ ପାଳନକୁ ନେଇ ଆଲୋଚନା ମଧ କରାଯାଇଥିଲା । ଗଁଦିଆ ବ୍ଲକ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିରରେ ୬୮ଟି ଅଭିଯୋଗ ହୋଇଥିବା ବେଳେ ୨୦ଟି ଅଭିଯୋଗର ସମାଧାନ ହୋଇଥିଲା । ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ରେଡକ୍ରସ ପାଣ୍ଠିରୁ ୩୨ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

# ୟୁକୋ ବ୍ୟାଙ୍କ ଶାଖାରୁ ଡକାୟତି ଉଦ୍ୟମ

**ଓଡ଼ାପଡ଼ା,୨୪।୧୨ (ରଞ୍ଜିତ ନାୟକ)**

ଗତ ଅକ୍ଟୋବର ୨୦ ତାରିଖ ରାତିରେ ୫୫ନଂ ଜାତୀୟ ରାଜପଥ କଡ଼ରେ ଥିବା ନିମବାହାଲି ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ପ୍ରାୟ ୪୫ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ଧରିବାରେ ଅଭିଯୁକ୍ତଙ୍କୁ ସଫଳ ହୋଇନଥିବା ବେଳେ ସୋମବାର ରାତିରେ ହିନ୍ଦୋଳ ରୋଡ୍ ବଜାର ମଧ୍ୟରେ ଥିବା ୟୁକୋ ବ୍ୟାଙ୍କ ଶାଖାରୁ କିଛି ଦୁର୍ବୃତ୍ତ ଡକାୟତି ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡିଛି। ଡ଼କାୟତମାନେ ବ୍ୟାଙ୍କ ଶାଖା ପରିଚାଳକଙ୍କ ଚାମ୍ବରର ଲୁହା ଝରକା କାଟି ବ୍ୟାଙ୍କ ଭିତରକୁ ପସିଥିଲେ ମଧ କୌଣସି ଟଙ୍କା ନେଇ ପାରି ନାହାନ୍ତି। ବ୍ୟାଙ୍କ ଶାଖାରେ ଲାଗିଥିବା ତିନୋଟି ଏସିର ଷ୍ଟାବ୍‌ଲାଇଜରଗୁଡିକ ନେଇ ପଳାଇଯାଇଛନ୍ତି। ମୋଟଙ୍ଗା ଥାନା ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ବ୍ୟାଙ୍କ ଶାଖାରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜକୁ ଯାଞ୍ଚକରି ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି।

# ନେହରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ




**ଢେଙ୍କାନାଳ,୨୪।୧୨(ରତନ ନାୟାର)**

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାସ୍ଥିତ ସରକାରୀ ବୈଷୟିକ ତାଲିମ୍ ପ୍ରତିଷ୍ଠାନ ସଭାଗୃହରେ ନେହେରୁ ଯୁବକେନ୍ଦ୍ର ଓ ମୋ ଭାରତ ଢେଙ୍କାନାଳ ସହାୟତାରେ ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନେହରୁ ଯୁବକେନ୍ଦ୍ରର ଅଧିକାରୀ ବାସୁଦେବ ଦାସ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଯୁବତୀ ଓ ଯୁବକମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସରକାରୀ ବୈଷୟିକ ତାଲିମ ପ୍ରତିଷ୍ଠାନର ଅଧକ୍ଷ ଜଗଦୀଶ ହାଇବ୍ରୁ ଯୋଗଦେଇ ଭାରତର ଅନେକ ଯୁବକ ଓ ଯୁବତୀ ବିଭିନ୍ନ ଦେଶରେ ନିଜର ପାରଦର୍ଶିତା ଦେଖାଇଥିବା ନଜିର ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ମାନସ ରଞ୍ଜନ ଦାସ, ଆଇଟିଆଇର ତାଲିମ୍ ଅଧିକାରୀ ନିରୁପମା ବେହେରା, ଆଇଟିଆଇର ତାଲିମ୍ ଅଧିକାରୀ ପଦ୍ମଲୋଚନ ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନେହରୁ ଯୁବକେନ୍ଦ୍ରର ବିତ୍ତ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଦସ୍ୟ ବିପ୍ରବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିଳ୍ପୀ ପରେଶ ପଟ୍ଟନାୟକ, ବରିଷ୍ଠ ବିଜ୍ଞାନ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ରହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ମୋବାଇଲ୍ ଫଟୋଗ୍ରାଫର ପ୍ରତ୍ୟୁଷ କୁମାର ସାହୁ ପ୍ରଥମ, ସୁଜିତ୍ କୁମାର ବେହେରା ଦ୍ୱିତୀୟ, ଦ୍ୱିପାଶୀଖା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରତ୍ୟେକଙ୍କୁ ୨୫୦୦ ଟଙ୍କା, ୧୫୦୦ଟଙ୍କା ଓ ୧୦୦୦ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ବିଜ୍ଞାନ ମେଳାରେ ସର୍ଜିତ ଶତପଥୀ ପ୍ରଥମ, ସୋନାଲିକା ସାହୁ ଦ୍ୱିତୀୟ ଓ ବିଷ୍ଣୁ ପ୍ରସାଦ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମର ଗ୍ରୁପ୍ ବିଭାଗରେ ଅଭିନୟ ଡ୍ୟାନ୍ସ ଗ୍ରୁପ୍ ପ୍ରଥମ, ସାବିତ୍ରୀ ଓ ଗ୍ରୁପ୍ ଦ୍ୱିତୀୟ ଓ ପ୍ରିୟାଂଶୁ ଓ ଗ୍ରୁପ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସଂଗୀତରେ ସରସ୍ୱତୀ ପରିଡା ପ୍ରଥମ, ଅମିଶା ସାହୁ ଦ୍ୱିତୀୟ ଓ ଲକ୍ଷ୍ମୀପ୍ରିୟା ଦେହୁରୀ ତୃତୀୟ ହୋଇଛନ୍ତି । ଭାଷଣ ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ଦାସ ପ୍ରଥମ,ଶୁଭଶ୍ରୀ ସାହୁ ଦ୍ୱିତୀୟ ଓ ଶୁଭାଶିନୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧକାର କରି ଅତିଥିଙ୍କଠାରୁ ପୁରସ୍କୃତ ହୋଇଛନ୍ତି ।

# କଟକକୁ ହରାଇ ଫାଇନାଲ୍‌ରେ ଉତ୍ତରପ୍ରଦେଶ

**ଭୁବନ,୨୪।୧୨ (ବିପିନ ବିହାରୀ ସେଠୀ)**

## ୩୩ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍



ଅତିଥିମାନଙ୍କ ଗହଣରେ ଖେଳାଳିମାନେ।

ଢେଙ୍କାନାଳ ଜିଲା ଭୁବନ ଖେଳପଡ଼ିଆଠାରେ ଚାଲିଥିବା ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର କଟକ ବିଡ଼ାନାସୀ ଓ ଉତ୍ତରପ୍ରଦେଶର ପ୍ରୟାଗରାଜ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ କଟକ ଦଳକୁ ହରାଇ ଉତ୍ତରପ୍ରଦେଶ ଫାଇନାଲ ମ୍ୟାଚ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ଟସ୍ ଜିଣି ପ୍ରୟାଗରାଜ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୫ ଓଭର ମ୍ୟାଚରେ ୬ଟି ୱିକେଟ ହରାଇ ପ୍ରୟାଗରାଜ ଦଳ ୧୭୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଉମ୍ମର ସର୍ବାଧିକ ୫୧ ରନ କରିବା ସହିତ ୫ ଓଭର ବୋଲିଂ କରି ୩୪ ରନ ବ୍ୟୟରେ ୩ଟି ମୂଲ୍ୟବାନ ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଦଳର ଆଦର୍ଶ କୁମାର ୪.୫ ଓଭର ବୋଲିଂ କରି ୩୪ ରନ ବ୍ୟୟରେ ୪ଟି ମୂଲ୍ୟବାନ ୱିକେଟ ହାସଲ କରି ଦଳକୁ ବିଜୟ କରିବାରେ ସହାୟକ ହୋଇଥିଲେ। ଜବାବରେ କଟକ ବିଡ଼ାନାସୀ ଦଳ ୨୦.୦୫ ଓଭର ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୪୬ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ଦଳ ପକ୍ଷରୁ ଚନ୍ଦ୍ରନାଥ ଦତ୍ତ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ। ଦଳର ଖେଳାଳି ଅଭିଶାନ୍ତ ୪ ଓଭର ବୋଲିଂ କରି ୪୦ ରନ ବ୍ୟୟରେ ୨ଟି ୱିକେଟ ଅକ୍ତିଆର କରିଥିଲେ। ଖେଳକୁ ସବ୍ୟସାଚୀ ସାହା ଓ ଜ୍ୟୋତି ପ୍ରକାଶ ମଲ୍ଲିକ ପରିଚାଳନା କରିଥିବା ବେଳେ ସୂର୍ଯ୍ୟପ୍ରକାଶ ରାଉତ ଓ ପ୍ରଜିତ କିଶୋର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସଞ୍ଜୀବ କୁମାର ନାୟକ ଓ ପ୍ରଭାତୀ ମହାରାଣା ସ୍କୋର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଖେଳ ଶେଷରେ କାଳୀବଜାର ବଣିକ ସଙ୍ଘ ସଭାପତି ସମୀର କୁମାର ସାହୁ, ଇଞ୍ଜିନିୟର ଶକ୍ତି ପ୍ରସାଦ ସାହୁ ଓ ଓଡ଼ିଶା ଯାତ୍ରା ଜଗତର ଶ୍ରେଷ୍ଠ ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

